## <u>ସେଣ୍ଟର୍ ଫର୍ ସାଇନ୍ସ୍ ଏଣ୍ଡ ଏନ୍ଭାଇରନ୍ମେଣ୍ଟ୍, ନୂଆଦିଲ୍ଲୀ</u>

ଜିଲ୍ଲା ଖଣିଜ ପ୍ରତିଷ୍ଠାନ ନିକଟରେ ୫ ହଜାର କୋଟି ଟଙ୍କାରୁ ଅଧିକ ଥିବା ସତ୍ତ୍ୱେ ଓଡିଶାର ଜିଲ୍ଲାଗୁଡିକର ଲୋକମାନେ ଏକ ନିର୍ଦ୍ଦିଷ୍ଟ ଯୋଜନା ଓ ସେମାନଙ୍କର ନିଯୁକ୍ତି କ୍ଷେତ୍ରରେ ଖଣି ପ୍ରତିଷ୍ଠାନ ସମୟୋପଯୋଗୀ ସେବା ପ୍ରଦାନ କରିବାରେ ବଞ୍ଚିତ ହେଉଅଛି ।

ସେଣ୍ଟର୍ ଫର୍ ସାଇନ୍ସ୍ ଏଣ୍ଡ ଏନ୍ଭାଇରନ୍ମେଣ୍ଟ୍ର ବିଶ୍ଳେଷଣ ଅନୁସାରେ ଜିଲ୍ଲାସ୍ତରୀୟ ଖଣି ପ୍ରତିଷ୍ଠାନଗୁଡିକ ରାଜ୍ୟର ଚାରୋଟି ଜିଲ୍ଲା ମୁଖ୍ୟତଃ – କେନ୍ଦୁଝର, ସୁନ୍ଦରଗଡ, ଅନୁଗୁଳ ଏବଂ ଝାରସୁଗୁଡା ଉପରେ ଗଭୀର ଅନୁଧ୍ୟାନ ଓ ରୂପାୟନ କରିଥିଲେ ।

ଖଣି ରାଜସ୍ୱ କ୍ଷେତ୍ରରେ ଭାରତରେ ଓଡିଶା ହେଉଛି ଅଗ୍ରଣୀ ରାଜ୍ୟ । ଏହାର ରାଜସ୍ୱ ୫ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ।

୨୫୮୮ କୋଟି ଟଙ୍କା ଭିତ୍ତିଭୂମି(ରାସ୍ତା ଓ ପୋଲ) ସଂଯୋଜନା କ୍ଷେତ୍ରରେ ଅନୁମୋଦନ କରାଯାଇଛି ଏବଂ ଅନୁମୋଦନର ୨୦.୫ ଶତକଡା ଉପଯୋଗ ହୋଇପାରିଛି ।

ରାଜ୍ୟ ଖଣି ସଂସ୍ଥାର ଅର୍ଥ ବିନିଯୋଗ ଏକ ନିର୍ଦ୍ଦିଷ୍ଟ ଯୋଜନା ଉପରେ ପର୍ଯ୍ୟବେଶିତ ହୋଇନାହିଁ ; ଅନେକ ଜିଲ୍ଲା ଏଥିରୁ ବଞ୍ଚିତ ହୋଇଛନ୍ତି ।

ଖଣି ପ୍ରଭାବିତ ଲୋକମାନଙ୍କୁ ସେମାନଙ୍କର ପିଲାମାନଙ୍କର ସ୍ୱାସ୍ଥ୍ୟର ଯତ୍ନ, ପୁଷ୍ଟିକର ଖାଦ୍ୟ, ଜୀବନଜୀବିକାର ସମସ୍ୟାକୁ ଉପେକ୍ଷା କରାଯାଇଅଛି ।

ଜାତୀୟ ଖଣି ପ୍ରତିଷ୍ଠାନ ଯୋଜନା ରୂପାୟନ ଏବଂ ହିତାଧିକାରୀ ଚିହ୍ନଟ କ୍ଷେତ୍ରରେ ଯେଉଁ ନିୟମ ରହିଛି ସେଥିରେ (ଖଣି ପ୍ରତିଷ୍ଠାନ ପାଇଁ ଆବଶ୍ୟକ) ଗ୍ରାମସଭାଗୁଡିକୁ ଅନ୍ତର୍ଭୁକ୍ତ କରାଯାଇନାହିଁ ।

ଜିଲ୍ଲା ଖଣି ପ୍ରତିଷ୍ଠାନଗୁଡିକରେ ସରକାରୀ ଉଚ୍ଚ ପଦାଧିକାରୀ ଓ ରାଜନୈତିକ ଲୋକମାନଙ୍କର ପ୍ରାଧାନ୍ୟ ରହିଛି, ସାଧାରଣ ଲୋକମାନଙ୍କୁ ଏଥିରୁ ବଞ୍ଚିତ କରାଯାଇଛି ।

ଯୋଜନା ଓ ସମନ୍ୱୟ ପାଇଁ ଜିଲ୍ଲାସ୍ତରରେ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟ ଯୋଜନା ଓ ସମନ୍ୱୟ କାର୍ଯ୍ୟ ସଠିକ୍ ରୂପେ ସଂପାଦିତ ହୋଇପାରୁନାହିଁ ।

ଜିଲ୍ଲାସ୍ତରୀୟ ଖଣି ପ୍ରତିଷ୍ଠାନଗୁଡିକ ଲୋକମାନଙ୍କ ପାଖରେ ଠିକ୍ ରୂପେ ଉତ୍ତରଦାୟୀ ହୋଇପାରୁନାହିଁ । ଅନେକ ଗୁଡିଏ ଜିଲ୍ଲା ଏ ପର୍ଯ୍ୟନ୍ତ ତାଙ୍କର ବାର୍ଷିକ ବ୍ୟୟଅଟକଳ କରିପାରିନାହାଁନ୍ତି । କୌଣସି ଜିଲ୍ଲା ଏ ପର୍ଯ୍ୟନ୍ତସଫଳ ବ୍ୟୟ ଅଟକଳ କରିନାହାନ୍ତି ।

ଜିଲ୍ଲାସ୍ତରୀୟ ଖଣି ପ୍ରତିଷ୍ଠାନ ଓ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା(PMKKKY)ର ସଫଳତା ନିମନ୍ତେ, ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ, ଲୋକମାନଙ୍କର ନିଯୁକ୍ତି, ନିଷ୍ପତ୍ତି, ଉପଯୁକ୍ତ ପରିଚାଳନା ଓ ଯୋଜନା ଭିତ୍ତିଭୂମି, ସ୍ୱଚ୍ଛତା, ଉତ୍ତରଦାୟୀ ହେବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ଓଡିଶାର ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଗୁଡିକ ସଂସ୍ଥାଗତ ଓ ପରିଚାଳନାଗତ ତ୍ରୁଟି ପାଇଁ ପ୍ରଭାବିତ ଲୋକମାନେ ଉପଯୁକ୍ତ ସୁବିଧା ଓ ସୁଯୋଗ ପାଇପାରୁନଥିବାରୁ, ସେଥିପାଇଁ ଜାତୀୟ ବିଜ୍ଞାନ ଓ ପରିବେଶ କେନ୍ଦ୍ର ଦ୍ୱାରା ଭୁବନେଶ୍ୱରରେ ତା୧୧.୦୯.୨୦୧୮ରିଖରେ ଏହା ଉପରେ ଗୁରୁତ୍ୱାରୋପ କରାଯିବ ।

ଲୋକମାନଙ୍କର ପ୍ରଥମ:- ଜିଲ୍ଲା ପ୍ରତିଷ୍ଠାନ ସ୍ଥିତିର ବିବରଣୀ-୨୦୧୮ (People's First- DMF Status Report -2018)

ଏହା ଏକ ଜିଲ୍ଲାସ୍ତରୀୟ ଖଣିଜ ପ୍ରତିଷ୍ଠାନ ଗୁଡିକର ଆଭ୍ୟନ୍ତରୀଣ ଆକଳନ ଭିତ୍ତିକ ତଥ୍ୟ ଯାହାକି ଏବେ ଚତୁର୍ଥ ବର୍ଷରେ ପଦାର୍ପଣ କରିଛି । ଏହା ୧୨ଟି ରାଜ୍ୟକୁ ନେଇ ଅଧ୍ୟୟନ କରୁଛି, ଏହାର ପରିଚାଳନା ନୀତି ଉପରେ ବିଶ୍ଳେଷଣ କରେ । ଏହା ଅଗ୍ରାଧିକାର ଭିତ୍ତିରେ ଓଡିଶା ସମେତ ମୁଖ୍ୟ ୫ଟି ରାଜ୍ୟର ୧୩ଟି ଜିଲ୍ଲାରେ ଉପରୋକ୍ତ ଦିଗ ଉପରେ ନିଜର ତଥ୍ୟ ଉପସ୍ଥାପନ କରିବେ ।

ଭୁବନେଶ୍ୱରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟତଃ ଓଡିଶା ଉପରେ ଦୃଷ୍ଟିନିବେଶ କରାଯାଇଥିଲା । ଏଥିରେ ଓଡିଶାର ଯୋଜନା ଓ ସମନ୍ୱୟ ବିଭାଗ, ବିଭିନ୍ନ ସାମାଜିକ ସଙ୍ଗଠନ ଓ ବିଭିନ୍ନ ଗଣମାଧମର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । ଜୁଲାଇ ୩୧ରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିଭିନ୍ନ ରାଜ୍ୟ, କେନ୍ଦ୍ର ସରକାରଙ୍କର ପ୍ରତିନିଧିମାନେ, ଜିଲ୍ଲା ପ୍ରଶାସନର ଅଧିକାରୀ ଓ ଗଣମାଧମର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

ଖଣି ଖାଦାନ ଅଞ୍ଚଳରେ ରହୁଥିବା ଲୋକମାନଙ୍କ ଉପରେ ପର୍ଯ୍ୟବେଶିତ । ଏହା ଲୋକମାନଙ୍କର ସୁବିଧାସୁଯୋଗ, ଦାରିଦ୍ର୍ୟ ନିରାକରଣ, ନିଯୁକ୍ତି, ଉପଯୁକ୍ତ ବିସ୍ଥାପନ ହେବାରେ ଏକ ନିର୍ଦ୍ଦିଷ୍ଟ ଯୋଜନା ପ୍ରଣୟନ ପାଇଁ ଉପଯୁକ୍ତ ନୀତି ପ୍ରଣୟନ କରିଥାଏ ।

Mines and Minerals Development and Regulation Act (2015) ଏବଂ ରାଜ୍ୟ ନିୟମ ଅନୁସାରେ ଓଡିଶା ଏ ପର୍ଯ୍ୟନ୍ତ ଜିଲ୍ଲା ଖଣି ପ୍ରତିଷ୍ଠାନର କାର୍ଯ୍ୟକାରିତା ଉପରେ ସୁଚିନ୍ତିତ ପଦକ୍ଷେପ ନେଇପାରିନାହିଁ, ଯାହାକି ଜାତୀୟ ବିଜ୍ଞାନ ଓ ପରିବେଶ ସଂସ୍ଥାର ଉପନିର୍ଦ୍ଦେଶକ, ଚନ୍ଦ୍ର ଭୂଷଣ କହିଛନ୍ତି ।

୨୦୧୫ ସଂଶୋଧନ ଆଇନ ଅନୁଯାୟୀ ସାରା ଦେଶରେ ପ୍ରତ୍ୟେକ ଖଣି ଖାଦାନ ଥିବା ଜିଲ୍ଲାରେ, ଖଣି ପ୍ରତିଷ୍ଠାନ ଏକ ଲାଭନିବୃତକାରୀ ସଂସ୍ଥା ଭାବରେ ଗଠନ କରାଯାଇଥିଲା । ଏହାର ମୂଳ ଲକ୍ଷ୍ୟ ଖଣିଖାଦାନ ଅଞ୍ଚଳରେ ରହିଥିବା ଲୋକମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଯୋଜନା ମାଧମରେ ସମସ୍ତ ପ୍ରକାର ସାହାଯ୍ୟ ସୁବିଧା ଯୋଗାଇଦେବା ବା ସୃଷ୍ଟି କରିବା । ଏହା ସମ୍ବିଧାନର ପଞ୍ଚମ, ଷଷ୍ଠ ଅନୁସୂଚୀର ଅଂଶବିଶେଷ । ଏହା ପେସା ଆଇନ-୧୯୯୬, ଜଙ୍ଗଲ ଅଧିକାର ଆଇନ୍-୨୦୦୬ରେ ଅନ୍ତର୍ଭୁକ୍ତ ଯାହା ଲୋକମାନଙ୍କର ଅଧିକାରକୁ ରକ୍ଷା କରେ ।

ଖଣିଜ ପ୍ରତିଷ୍ଠାନ ଟ୍ରଷ୍ଟ ଓଡିଶାରେ ଏହାର ହିତାଧିକାରୀମାନଙ୍କୁ କୌଣସି ଜିଲ୍ଲାରେ ଚିହ୍ନଟ କରିନାହିଁ । ଜାତୀୟ ବିଜ୍ଞାନ ଓ ପରିବେଶ ସଂସ୍ଥାର ବିବରଣୀ ଅନୁଯାୟୀ, ଜିଲ୍ଲା ଖଣିଜ ପ୍ରତିଷ୍ଠାନ ତାହାର ଖଣି ପ୍ରଭାବିତ ଲୋକମାନଙ୍କର ଚୟନ ଓ ସେମାନଙ୍କର ଉନ୍ନତି ବିଧାନ ଆଇନ ଅନୁଯାୟୀ ଏକ ମୌଳିକ କର୍ତ୍ତବ୍ୟ । ଏହା କେବଳ ଖଣି ପ୍ରଭାବିତ ବ୍ୟକ୍ତିବିଶେଷଙ୍କ ମଧରେ ସୀମିତ ନୁହେଁ ପରନ୍ତୁ ଏହା ସ୍ଥାନଚ୍ୟୁତ ଓ ବିସ୍ଥାପିତ, ଜୀବିକା ହରାଇଥିବା ବ୍ୟକ୍ତିବିଶେଷ ତଥା ଜଙ୍ଗଲ ଉପରେ ନିର୍ଭରଶୀଳ ଜୀବିକା ହରାଇଥିବା ବ୍ୟକ୍ତିବିଶେଷ ଏବଂ ପାରମ୍ପରିକ ଅଧିକାର ଥିବା ସେହି ସ୍ଥାନର ହିତାଧିକାରୀ ମଧ ଏହାର ଅନ୍ତର୍ଭୁକ୍ତ ଅଟନ୍ତି ।

ହିତାଧିକାରୀ ବ୍ୟତୀତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଏ ପର୍ଯ୍ୟନ୍ତ ସଂପୃକ୍ତ ଅଞ୍ଚଳରେ ଥିବା ଗ୍ରାମସଭାଗୁଡିକୁ ଏଥିରେ ଅନ୍ତର୍ଭୁକ୍ତ କରିନାହିଁ କିମ୍ବା ସେମାନଙ୍କୁ ଗୁରୁତ୍ୱ ପ୍ରଦାନ କରିନାହିଁ । ଗ୍ରାମସଭାଗୁଡିକର ପରାମର୍ଶ ନେବା ଓ ବିଭିନ୍ନ କାର୍ଯ୍ୟକୁ ତାଙ୍କ ମାଧମରେ ରୂପାୟନ କରିବାର ପଦକ୍ଷେପ ଏ ପର୍ଯ୍ୟନ୍ତ ନିଆଯାଇପାରିନାହିଁ ।

ପ୍ରକଳ୍ପ ପରିଚାଳକ ଶ୍ରେଷ୍ଠା ବାନାର୍ଜୀ କୁହନ୍ତି ଯେ, ବହୁତ ଗୁଡିଏ ମାମଲାରେ ଗ୍ରାମସଭାର ମଞ୍ଜୁରୀ ନେବା ନିତାନ୍ତ ଆବଶ୍ୟକ ଏବଂ ଗ୍ରାମର ମୁଖ୍ୟ ପ୍ରକଳ୍ପ ପ୍ରସ୍ତୁତିରେ ଗ୍ରାମ ମୁଖ୍ୟଙ୍କର ସ୍ୱାକ୍ଷର କରିବାର ବ୍ୟବସ୍ଥା ରହିଛି । ସୁନ୍ଦରଗଡ ଜିଲ୍ଲାର ସମସ୍ତ ଓ କେନ୍ଦୁଝର ଜିଲ୍ଲାର କିଛି ଅଂଶ ସୂଚୀ-୫ ଅଞ୍ଚଳର ଅନ୍ତର୍ଭୁକ୍ତ ଅଟନ୍ତି ।

ଓଡିଶାର ଖଣି ପ୍ରଭାବିତ ଅଞ୍ଚଳରେ କୌଣସି ନିର୍ଦ୍ଦିଷ୍ଟ ପ୍ରତିନିଧି ଏବଂ ସଂପ୍ରଦାୟ ନାହାଁନ୍ତି । ଏଥିରେ ମୁଖ୍ୟତଃ ରାଜ୍ୟସ୍ତରୀୟ ସରକାରୀ କର୍ମଚାରୀ ଏବଂ ରାଜନୈତିକ ବ୍ୟକ୍ତି ବିଶେଷ ଜିଲ୍ଲା ଖଣି ପ୍ରତିଷ୍ଠାନ ଉପରେ ପ୍ରଭାବ ବିସ୍ତାର କରିଛନ୍ତି । କେତେ ଗୁଡିଏ ସ୍ଥାନରେ ଗ୍ରାମସଭାକୁ ବାଦ୍ ଦେଇ ସରପଞ୍ଚମାନଙ୍କୁ ନାମକୁ ମାତ୍ର ଅନ୍ତର୍ଭୁକ୍ତ କରାଯାଇଛି ।

ଭୂଷଣ କୁହନ୍ତି, ଅଧିକନ୍ତୁ ଗ୍ରାମସଭା ଗୁଡିକର ପ୍ରତିନିଧିତ୍ୱ ଅଭାବରୁ ଏହା କେବଳ ଖଣି ପ୍ରଭାବିତ ଲୋକମାନଙ୍କର ଯେଉଁ ମାନେକି ଜିଲ୍ଲା ଖଣି ପ୍ରତିଷ୍ଠାନର ଅନ୍ତର୍ଭୁକ୍ତ ଜନକୈନ୍ଦ୍ରିକ ବିଚାର ସମୂହର ବିପକ୍ଷରେ ନୁହେଁ ପରନ୍ତୁ ଏହା ମଧ ଖଣି ପ୍ରଭାବିତ ଲୋକମାନଙ୍କ ପାଇଁ ଆବଶ୍ୟକୀୟ କରୁଥିବା ଜରୁରୀକାଳୀନ ପାଣ୍ଠିର ସୁବିନିଯୋଗ କରିବାର ଉପଯୁକ୍ତ ନିର୍ଣ୍ଣୟ ନେଇପାରେନାହିଁ ।

୫ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଜିଲ୍ଲା ଖଣି ପ୍ରତିଷ୍ଠାନ ଟ୍ରଷ୍ଟରେ ଥିବାବେଳେ ଓଡିଶାର ଜିଲ୍ଲାଗୁଡିକ ଖଣି ପ୍ରଭାବିତ ଲୋକମାନଙ୍କ ମଧରେ ସୁବିନିଯୋଗ କରିବାର ଆବଶ୍ୟକତା ରହିଛି । ଏହା କେବଳ  ଏକ ନିର୍ଦ୍ଦିଷ୍ଟ ବିନିଯୋଗ ନିୟମ/ଯୋଜନା ଦ୍ୱାରା ସମ୍ଭବ  ହୋଇପାରିବ କିନ୍ତୁ ଏ ପର୍ଯ୍ୟନ୍ତଏହାର ସୁବିନିଯୋଗ କରିପାରିନାହାନ୍ତି । ୨,୫୮୯ କୋଟି ଟଙ୍କା ବିନିଯୋଗ ହେବାକୁ ଥିବା ବେଳେ ଏଥିରେ ମାତ୍ର ଶତକଡା ୩୩ ଭାଗ ରାସ୍ତା ଓ ପୋଲ ନିର୍ମାଣ କରିବାରେ ଖର୍ଚ୍ଚ ହେଉଛି । ସୁନ୍ଦରଗଡର କୋଏଡା ଓଡିଶାର ସବୁଠାରୁ ଖଣି ପ୍ରଭାବିତ ଅଞ୍ଚଳ, ଏହି ଅଞ୍ଚଳରେ ଶତକଡା ୮୦ ଭାଗ ଭିତ୍ତିଭୂମି କ୍ଷେତ୍ରରେ ବିନିଯୋଗ ହେବା କଥା ଯାହା ହୋଇପାରିଲେ ସେଠିକାର ସମସ୍ୟା ସମାଧାନ ହୋଇପାରନ୍ତା ।

ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ  ସଂପୃକ୍ତ ଅଞ୍ଚଳରେ ବିନିଯୋଗ ହେବାର ଆବଶ୍ୟକତା ରହିଛି । ଉଦାହରଣ ସ୍ୱରୂପ କେନ୍ଦୁଝର ଜିଲ୍ଲାରେ ୩୯୬ କୋଟି ଟଙ୍କାରେ ଏକ ମେଡିକାଲ କଲେଜର ନିର୍ମାଣ ପ୍ରକ୍ରିୟା ଚାଲିଛି । ଏହାସତ୍ତ୍ୱେ

ଗ୍ରାମାଞ୍ଚଳର ଶତକଡା ୪ ଭାଗ ପ୍ରାଥମିକ ସ୍ୱାସ୍ଥ୍ୟସେବା ପାଇପାରୁଛନ୍ତି । ଏହା କେବଳ ୫ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ସୀମିତ ।

ଅନେକ କ୍ଷେତ୍ରରେ ବିନିଯୋଗ ସହରାଭିମୁଖୀ ହେଉଛି ଯାହାକି ଖଣି ପ୍ରଭାବିତ ଅଞ୍ଚଳର ଲୋକମାନଙ୍କ ସହିତ ଏହାର କୌଣସି ସମ୍ବନ୍ଧ ନାହିଁ । ଉଦାହରଣସ୍ୱରୂପ ସୁନ୍ଦରଗଡ ଜିଲ୍ଲାରେ ୧୧୩ କୋଟି ଟଙ୍କା ପାନୀୟଜଳ ଯୋଗାଣ କ୍ଷେତ୍ରରେ ଖର୍ଚ୍ଚ ହୋଇଛି, ଯେଉଁମାନେକି ଖଣି ଦ୍ୱାରା ପ୍ରଭାବିତ ହୋଇନାହାନ୍ତି କିନ୍ତୁ କୋଏଡା ବ୍ଲକ ଯାହାକି ସବୁଠାରୁ ଖଣି ପ୍ରଭାବିତ ଅଞ୍ଚଳ ସେଠାରେ ମାତ୍ର ୭.୫ କୋଟି ଟଙ୍କା ଲାଭ କରିଛି ଯେଉଁଠାରେ କି ଜଳ ଅତ୍ୟନ୍ତ ପ୍ରଦୂଷିତ । ସେହିଭଳି ଝାରସୁଗୁଡାରେ ୧୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସେଠାରେ ଥିବା ସ୍ଥାନୀୟ ବିମାନବନ୍ଦରକୁ ବିଜୁଳି ଯୋଗାଣ କ୍ଷେତ୍ରରେ ଯୋଗାଇ ଦିଆଯାଉଛି ।

ଓଡିଶାର ସମସ୍ତ ଜିଲ୍ଲାରେ ବର୍ତ୍ତମାନ ଏ ପର୍ଯ୍ୟନ୍ତ ଶିଶୁମାନଙ୍କର ପୋଷଣ ହେଉଛି ମୁଖ୍ୟ ସମସ୍ୟା କିନ୍ତୁ ଦୁଃଖର ବିଷୟ ସେମାନଙ୍କର ଉନ୍ନତି ବିଧାନ ନିମନ୍ତେ ଆବଶ୍ୟକୀୟ ଅର୍ଥରାଶି ଅନୁମୋଦିତ ହୋଇନାହିଁ । ଏହାର ନିଚ୍ଛକ ଉଦାହରଣ ହେଲା- ରାଜ୍ୟର ୨ଟି ମୁଖ୍ୟ ଖଣି ପ୍ରଭାବିତ ଅଞ୍ଚଳ କେନ୍ଦୁଝର ଓ ସୁନ୍ଦରଗଡ ଜିଲ୍ଲା ।

ସେଥିରେ କେନ୍ଦୁଝରରେ କାର୍ଯ୍ୟରତ ଥିବା ଜିଲ୍ଲା ଖଣି ପ୍ରତିଷ୍ଠାନ ୧୫୨୪ କୋଟି ଟଙ୍କାର ଆର୍ଥିକ କାରବାର କରୁଥିବା ସତ୍ତ୍ୱେ ମାତ୍ର ୨ କୋଟି ଟଙ୍କା ଏହା ଶିଶୁ ପୋଷଣ ଓ ସେମାନଙ୍କର ଉନ୍ନତି କ୍ଷେତ୍ରରେ ଖର୍ଚ୍ଚ କରିଛି । ଏହି ଜିଲ୍ଲାରେ ୫ ବର୍ଷରୁ କମ୍ ପିଲାମାନଙ୍କର ମୃତ୍ୟୁହାର ଶତକଡା ୭୦ ଭାଗ ଏବଂ ଶତକଡା ୪୫ ଭାଗ ପିଲା ଯେଉଁମାନେ କି ୫ ବର୍ଷ ବୟସରୁ କମ୍ ଅଟନ୍ତି, ସେମାନେ କମ୍ ଓଜନ ବିଶିଷ୍ଟ ବା ବୟସ ଅନୁପାତରେ ଓଜନ କମ୍ ଅଟେ । ସୁନ୍ଦଗଡରେ ଶତକଡା ୫୦ ଭାଗ ଗ୍ରାମୀଣ ପିଲା କମ୍ ଓଜନ ବିଶିଷ୍ଟ ଏବଂ ୫ ବର୍ଷରୁ କମ୍ ପିଲାମାନଙ୍କର ଶିଶୁ ମୃତ୍ୟୁହାର ୬୭ ପ୍ରତିଶତ ଅଟେ ।

ସମାନ ପରିମାଣରେ ସ୍ୱାସ୍ଥ୍ୟର ଯତ୍ନ କ୍ଷେତ୍ରରେ ମଧ୍ୟ ଅବହେଳା ଦୃଷ୍ଟିଗୋଚର ହୁଏ । କେବଳ ସ୍ୱାସ୍ଥ୍ୟର ଭିତ୍ତିଭୂମି କ୍ଷେତ୍ରରେ ନୁହେଁ ଏହାମଧ୍ୟ ଭାରତର ଜନସ୍ୱାସ୍ଥ୍ୟ ମାନ ଅନୁଯାୟୀ ସ୍ୱାସ୍ଥ୍ୟ ଯତ୍ନ ନେଉଥିବା ବ୍ୟକ୍ତିବିଶେଷ, ବିଶେଷତଃ ଡାକ୍ତରଙ୍କ ଅଭାବ ଦୃଷ୍ଟିଗୋଚର ହୁଏ ।

ଉଦାହରଣସ୍ୱରୂପ ଅନୁଗୁଳ ଜିଲ୍ଲାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟତଃ ୫୦ ପ୍ରତିଶତ ଡାକ୍ତରଙ୍କର ଅଭାବ ପରିଲକ୍ଷିତ ହୁଏ । ଯେଉଁଠାରେ କି ଏହି ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରରେ ୨୪୨ କୋଟି ଟଙ୍କାର ମାତ୍ର ୫.୬ ଶତକଡା ବଣ୍ଟନ କରାଯାଇଛି ।

ସୁନ୍ଦରଗଡ ଜିଲ୍ଲାରେ ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ କେବଳ ୩୩ କୋଟି ଟଙ୍କା ବିନିଯୋଗ କରାଯାଇଛି ଯାହାକି ଜାତୀୟ ବିଜ୍ଞାନ ଓ ପରିବେଶ ସଂସ୍ଥାର ତଥ୍ୟ ଅନୁଯାୟୀ ଏହା ଜିଲ୍ଲା ଖଣି ପ୍ରତିଷ୍ଠାନ ପାଣ୍ଠିରୁ ରାସ୍ତା ନିର୍ମାଣ ନିମନ୍ତେ ଖର୍ଚ୍ଚ ହେଉଥିବା ଅର୍ଥରାଶିର ଏକ ଦଶମାଂଶ ।

ଯେତେବେଳ କି ଓଡିଶା ହେଉଛି ଅନ୍ୟତମ ରାଜ୍ୟ ଯିଏକି ଜିଲ୍ଲା ଖଣି ପ୍ରତିଷ୍ଠାନ ପ୍ରଶାସନିକ କ୍ଷେତ୍ରରେ ସହାନୁଭୂତିଶୀଳ ମନୋଭାବ ପୋଷଣ କରିଛି କିନ୍ତୁ ଏହି ପ୍ରକଳ୍ପ ପରିଚାଳନା ୟୁନିଟ୍ ବଡ ଜିଲ୍ଲାମାନଙ୍କରେ ସୀମିତ

ରହିଛି । ଜିଲ୍ଲାଗୁଡିକ ମଧ ପ୍ରକଳ୍ପ ପରିଚାଳକ ୟୁନିଟ୍ କାର୍ଯ୍ୟାଳୟ, ଯୋଜନା ପ୍ରଣୟନ ଓ ପରିଚାଳନା ପାଇଁ ପ୍ରତିଷ୍ଠା କରିନାହିଁ ।

ଶ୍ରେଷ୍ଠାଙ୍କ ମତ ଅନୁଯାୟୀ ପ୍ରକଳ୍ପ ପରିଚାଳକ ୟୁନିଟ୍ ଗୁଡିକରେ କୌଣସି ପୂର୍ଣ୍ଣକାଳିନ ଖଣି ପ୍ରତିଷ୍ଠାନ କାର୍ଯ୍ୟାଳୟ କିମ୍ବା ଦକ୍ଷ ବ୍ୟକ୍ତି ଯେଉଁମାନେ କି ଶୂନ୍ୟତା ଆକଳନ କରିପାରିବେ କିମ୍ବା ଗ୍ରାମସଭା ସହ ଯୋଗାଯୋଗ ପୂର୍ବକ ଜିଲ୍ଲା ଖଣି ପ୍ରତିଷ୍ଠାନର ଯୋଜନା ତତ୍ ସଂପର୍କିତ ସମ୍ବଳ ବିନିଯୋଗ ସମ୍ବନ୍ଧରେ ଆଲୋଚନା କରିପାରିବା ଭଳି ଦକ୍ଷ ବ୍ୟକ୍ତିଙ୍କର ଅଭାବ ଦୃଷ୍ଟିଗୋଚର ହୋଇଛି । ତେଣୁ ରାଜ୍ୟ ଏ କ୍ଷେତ୍ରରେ ଉପଯୁକ୍ତ ମାର୍ଗଦର୍ଶନ ଦେବା ଆବଶ୍ୟକ ।

ଜିଲ୍ଲା ଖଣି ପ୍ରତିଷ୍ଠାନର ଅଡିଟ୍ ସଂପର୍କୀୟ ସୂଚନା ପ୍ରକାଶ ହେଉଥିବାରୁ  ଓଡିଶାର ଜିଲ୍ଲାଗୁଡିକର ଅଗ୍ରଗତି କରିଛି । ଓଡିଶା ଏକମାତ୍ର ରାଜ୍ୟ ଯିଏକି ଜିଲ୍ଲା ଖଣି ପ୍ରତିଷ୍ଠାନର ୱେବସାଇଟ୍ ଅଛି ଯେଉଁଥିରେ କି ଯେକୌଣସି ନିର୍ଦ୍ଦିଷ୍ଟ ଜିଲ୍ଲାର ସ୍ୱତନ୍ତ୍ର ତଥ୍ୟ ଉପଲବ୍ଧ ହୋଇପାରୁଛି । ଏହି ଟ୍ରଷ୍ଟ ମେମ୍ବର ପାଣ୍ଠିର ଆୟ ଓ ବ୍ୟୟ, ବିଭିନ୍ନ ସଭାମାନଙ୍କର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ୱେବସାଇଟ ମାଧମରେ ମିଳିପାରୁଛି । କିନ୍ତୁ ଏହା ବାଦ୍ ଆହୁରି ବି ଅଧିକ କିଛି କରିବାର ଅଛି । ଯେତେବେଳେ କି କିଛି ଜିଲ୍ଲାଗୁଡିକରେ ଅର୍ଥନୈତିକ ଅଡିଟ୍ କରିନାହାଁନ୍ତି । ଏପରିକି କାର୍ଯ୍ୟ ଉପସ୍ଥାପନ କିମ୍ବା ସାମାଜିକ ଅଡିଟ୍ କରାଯାଇନାହିଁ ।

**ସେଣ୍ଟର୍ ଫର୍ ସାଇନ୍ସ୍ ଏଣ୍ଡ ଏନ୍ଭାଇରନ୍ମେଣ୍ଟର ସୁପାରିଶ**

୧. ପ୍ରତ୍ୟେକ ଜିଲ୍ଲାର ହିତାଧିକାରୀମାନଙ୍କୁ ଚିହ୍ନଟ କରିବା ଆବଶ୍ୟକ । ବିନା ହିତାଧିକାରୀଙ୍କ ଦ୍ୱାରା ଟ୍ରଷ୍ଟ ଗଠନ ସମ୍ଭବ ନୁହେଁ । ଏହା ଗଠନ
କରାଗଲେ ମହିଳା ଓ ଶିଶୁମାନଙ୍କର ବିକାଶ କ୍ଷେତ୍ରରେ ବିନିଯୋଗ ଲକ୍ଷ୍ୟ ସାଧନ ହୋଇପାରିବ ।

୨. ଜିଲ୍ଲା ଖଣିଜ ପ୍ରତିଷ୍ଠାନରେ ଗ୍ରାମସଭାକୁ ପ୍ରତିନିଧିତ୍ୱ ଭିତ୍ତିରେ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ ଅଟେ । ଏହାକୁ ପାଳନ ନ କରିବ ଜିଲ୍ଲା ଖଣିଜ ପ୍ରତିଷ୍ଠାନ
ଆଇନର ଉଲ୍ଲଂଘନ ଅଟେ ।

୩. କାର୍ଯ୍ୟର ସୁପରିଚାଳନା ନିମିତ୍ତ, ଜିଲ୍ଲା ଖଣିଜ ପ୍ରତିଷ୍ଠାନର ଏକ କାର୍ଯ୍ୟାଳୟ ଏବଂ ସୁଦକ୍ଷ କର୍ମକର୍ତ୍ତାଗଣ ଗଠିତ ହେବା ଆବଶ୍ୟକ । ମୁକ୍ତ
ସଂଗଠନ/ସୁଦକ୍ଷ ଯୋଜନକାରୀଙ୍କୁ ଯୋଜନାର ସଫଳ ରୂପାୟନ ପାଇଁ ନିୟୋଜନ କରିପାରିବେ ।

୪. ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଟ୍ରଷ୍ଟକୁ ସ୍ୱାୟତ୍ତତା ପ୍ରଦାନ କରିବା ଆବଶ୍ୟକ ଯାହାକି ଆବଶ୍ୟକୀୟ ଅନୁସାରେ ଯୋଜନା ପ୍ରଣୟନ କରିପାରିବ, ରାଜ୍ୟ
ସରକାର ଏହାକୁ ଆବଶ୍ୟକୀୟ ପରାମର୍ଶ ଦେବେ ।

୫. ଏକ ସୁସଂଗଠିତ ଓ ସୁଚରିତ ନୀତି ସୁବିନିଯୋଗ ପାଇଁ ଆବଶ୍ୟକ । ଜିଲ୍ଲା ଖଣିଜ ପ୍ରତିଷ୍ଠାନ କେବଳ ଯେ ବଡବଡ ଯୋଜନା ପାଇଁ ନିଜକୁ  ନିୟୋଜିତ କରିବ ତାହା ନୁହେଁ, ତଳ ସ୍ତରୀୟ ଲୋକମାନଙ୍କର ସମସ୍ୟାକୁ ବୁଝି ଯୋଜନା ପ୍ରଣୟନ କଲେ ତାହା ଲୋକମାନଙ୍କର ହିତସାଧନ କରିପାରିବ ।

୬. ଜିଲ୍ଲା ଖଣିଜ ପ୍ରତିଷ୍ଠାନର କାର୍ଯ୍ୟଶୈଳୀରେ ସ୍ୱଚ୍ଛତା ଆବଶ୍ୟକ ଏବଂ ଲୋକମାନଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ । ପ୍ରତ୍ୟେକ ଖବର ଲୋକମାନଙ୍କ
ନିକଟରେ ପହଞ୍ଚିପାରିଲେ ସେମାନେ ତାଙ୍କର ଅସୁବିଧା ଗୁଡିକ ଜିଲ୍ଲା ଖଣି ପ୍ରତିଷ୍ଠାନ ନିକଟରେ ଉପସ୍ଥାପନ କରିପାରିବେ ।

ଏହା ହୋଇପାରିଲେ ସଂପୃକ୍ତ ଲୋକମାନଙ୍କର ବିକାଶ ହେବା ସଙ୍ଗେସଙ୍ଗେ ରାଜ୍ୟର ବିକାଶ ହୋଇପାରିବ ।